ଚୁନାଫୁଲ
ଚୁନା ପାଇଁ

ଶ୍ରୀ ଗୋବର୍ଦ୍ଧନ ମିଶ୍ର

Digitized by PPRACHIN, SOA

ଚୁନାଫୁଲ ଝୁନା ପାଇଁ

ଶ୍ରୀ ଗୋବର୍ଦ୍ଧନ ମିଶ୍ର

Digitized by PPRACHIN, SOA

ଲେଖକ :

ଶ୍ରୀ ଗୋବର୍ଦ୍ଧନ ମିଶ୍ର

ପ୍ରକାଶିକା :

ଶ୍ରୀମତୀ ରେବତୀ ମିଶ୍ର

ପ୍ରକାଶ ସମୟ—

୧ ଜାନୁୟାରୀ, ଗୁରୁବାର—୧୯୮୭

(ନୂତନ ବର୍ଷ ଉପଲକ୍ଷେ)

ମୁଦ୍ରଣ—

ରୁକ୍ମଣୀ ପ୍ରିଣ୍ଟର୍ସ

ବାଲିଚନ୍ଦ୍ରପୁର, କଟକ

ମୂଲ୍ୟ—ଟ ୧-୫୦ ପଇସା

Digitized by PPRACHIN, SOA

ଅଭିମତ

କବି ଶ୍ରୀ ଗୋବର୍ଦ୍ଧନ ମିଶ୍ରଙ୍କ ପ୍ରଣୀତ କବିତା ପୁସ୍ତକ "ଚୁନାଫୁଲ ଝୁନା ପାଇଁ" ପଢ଼ି ଆନନ୍ଦିତ ହେଲି। ସେ ପ୍ରାଥମିକ ବିଦ୍ୟାଳୟର ପାଠ ପଢ଼ିଥିଲେ ସୁଦ୍ଧା ତାଙ୍କର ଦୈନନ୍ଦିନ ଜୀବିକାର୍ଜନ ଭିତରେ ତାଙ୍କର ଛୋଟିଆ କୁଟୀରଟିରେ ବସି କୌଣସି ଏକ ମହାପୁରୁଷ ବା ଦୈବୀ ପ୍ରେରଣାରେ ଉଦ୍ବୁଦ୍ଧ ହୋଇ ଏଇ ପୁସ୍ତିକାର କବିତାଗୁଡ଼ିକ ଅନାୟାସରେ ଲେଖି ପାରିଛନ୍ତି। ପୁସ୍ତିକାଟିରେ ପଚଶଟି କବିତା ସନ୍ନିବିଷ୍ଟ ଓ ଏଗୁଡ଼ିକ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ଉପଯୁକ୍ତ। ଭାଷା ସରଳ, ତରଳ ଏବଂ ଭାବ ସାବଲୀଳ ତଥା ସ୍ୱତଃସ୍ଫୂର୍ତ୍ତ ଏବଂ ରସାଳ। କବିତା ଗୁଡ଼ିକ ଶିକ୍ଷଣୀୟ ମଧ୍ୟ।

ଏ ଅଞ୍ଚଳରେ ଅନେକ କବି, ସାହିତ୍ୟିକ ଓ ଶିଳ୍ପୀ ଜନ୍ମ ନେଇଛନ୍ତି ସତ ମାତ୍ର କେତେକ ପ୍ରତିଭା ଅନାବିଷ୍କୃତ। ଏଇମାନଙ୍କ ଭିତରୁ କବି ଶ୍ରୀ ଗୋବର୍ଦ୍ଧନ ମିଶ୍ର ଅନ୍ୟତମ।

ତାଙ୍କର ଏ ପୁସ୍ତକଟି ଶିଶୁ ଓ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ଆଦୃତ ଓ ଆଲୋଚିତ ହେବ ବୋଲି ମୋର ଆଶା। ମୁଁ ଶ୍ରୀ ମିଶ୍ରଙ୍କର ଉତ୍ତରୋତ୍ତର ସମୃଦ୍ଧି କାମନା କରି ତାଙ୍କ କଲମରୁ ଆହୁରି ଫୁଲ ଝରୁ ବୋଲି ଇଚ୍ଛା କରେ। ଇତି।

ଶ୍ରୀ ଧନେଶ୍ୱର ସାମଲ

ତା ୩୧। ୧୨। ୧୯୮୬

ପ୍ରଧାନ ଶିକ୍ଷକ

ନନ୍ଦକିଶୋର ବିଦ୍ୟାମନ୍ଦିର, କୃଷ୍ଣପୁର

କଟକ, ଓଡ଼ିଶା

Digitized by PPRACHIN, SOA

ମୋର ପଦେ

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ କବିତା ଏକ ବିଭାଗ । ଏହା ସ୍ୱୟଂ ସୃଷ୍ଟ । କବିତା ଲେଖି ଅନ୍ୟମାନଙ୍କୁ ଆନନ୍ଦ ଦେବା; ଏ ଆୟାସ ମୋର ବୃଥା । ଲକ୍ଷ ଚେତନର ସଂସାର, ଅଭାବ ଅନାଟନର ସଂସାର, ରୋଗ ଶୋକର ସଂସାର ମଧ୍ୟରେ ମୁଁ ଥିଲି ନିର୍ବେଦିତ । ସ୍ୱଳ୍ପ ସମୟ ମଧ୍ୟରେ କାଁ ଭାଁ କେତେବେଳେ କେମିତି ପିଲଙ୍କ ‘ବାଲଘର’ ପତ୍ର ଏଣୁ ତେଣୁ କେତୋଟି କବିତା ଲେଖି ବସେ । ଏଗୁଡ଼ିକୁ ମୋର ପରମ ପୂଜ୍ୟ ଗୁରୁ ଶ୍ରୀଯୁକ୍ତ ନନ୍ଦ କିଶୋର ସାମଲଙ୍କୁ ମୋର ଦୋକାନରେ ଦେଖାଇ ଦିଏ । ସେ ହସି ହସି ଅଧିକରୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରନ୍ତି । ବିଭିନ୍ନ ଫୁଲର ତଥାଣ ଏକ ମାଳ ପରି କେତୋଟି କବିତା ସମ୍ବଳିତ ଏହି ପୁସ୍ତିକାଟିକୁ ପିଲାଙ୍କ ନିମନ୍ତେ ପ୍ରକାଶ କରିବାପାଇଁ ଆଗ୍ରହାନ୍ୱିତ ହୋଇ ପଡ଼ିଲି । ଯାହା ହେଉ **“ଚୂନାଫୁଲ ଟୁନା ପାଇଁ”** ପ୍ରକାଶ ପାଇଲା । ମୋର ବନ୍ଧୁ ଶ୍ରୀ ଇନ୍ଦୁମଣି ସାମଲ ମୋତେ ଏଥିରେ ସମସ୍ତ ପ୍ରକାର ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି । ମୋର ପୂଜ୍ୟ ଗୁରୁଦେବ ଶ୍ରୀ ନନ୍ଦ କିଶୋର ସାମଲ, ତାଙ୍କର ବହୁ ମୂଲ୍ୟ ସମୟ ନଷ୍ଟ କରି ବହିଟିକୁ ପ୍ରକାଶନ ଉପଯୁକ୍ତ କରିବାରେ ଯେଉଁ ଦାନ କରିଛନ୍ତି; ସେଥିପାଇଁ ମୁଁ ତାଙ୍କ ନିକଟରେ ଚିର ଋଣୀ ।

ଶେଷରେ “ଚୂନାଫୁଲ ଟୁନା ପାଇଁ” କୁନି କୁନି ପିଲାଙ୍କ ହାତରେ ଅର୍ପଣ କଲି । ଆଶା, ସେମାନେ ପୁସ୍ତିକାଟିର ସଦ୍‌ଉପଯୋଗ କଲେ ମୋର ଚେଷ୍ଟା ସଫଳ ହେବ ।

। ଇତି ।

ବିନୀତ

ଗୀତିକାର

Digitized by PPRACHIN, SOA

ଜଣାଣ

ଜଗନ୍ନାଥ ହେ ! ସବୁ ମାଗୁଅଛୁ ତୋତେ,
ଧନ ମାଗୁଅଛୁ ଜନ ମାଗୁଅଛୁ
ଶରଧାରେ ଦେବୁ ମୋତେ ।
ଖାଇବାକୁ ଦେବୁ ପିଇବାକୁ ଦେବୁ
ଶୋଇବାକୁ କୋଳ ଦେବୁ ।
ହାଇରାଣ କେବେ କରିବୁ ନାହିଁ ତୁ
ଚକାଡୋଳେ ଚାହିଁଥିବୁ ।
ଯେଉଁଆଡେ ଯିବି, ସାଥିରେ ମୋ ଯିବୁ,
ନ କରିବୁ ହୀନମାନ ।
ଆଗପଛ କିଛି ବିଚାର ନ କରି,
ରଖିବୁ ମୋ ଠାଣ ପଣ ।
ଧାଡ଼ା ଦେବୁ ସବୁ ଗୁପତରେ ଦେବୁ,
ନ ଜାଣିବେ ବନ୍ଧୁ ଜନ ।
ନ ଜାଣିବେ କେହି ଦେଇଥିବୁ ଧାଡ଼ା,
ଜାଣିଲେ ଦେବେ କଷଣ ।
ଗାଉଥିବି ସଦା ଥିବି ଯେତେ ଦିନ,
ତୋର ନାମ ହୃଦୟରେ ।
ଆଉ କେଉଁ ଚିନ୍ତା ନ ଥିବ ମାନସେ,
ତୋ ନାମ ମୋ ଗଳାହାର
ହେବ ହେ ! ଏତିକ ମାଗୁଣି ମୋର ।

—o—

Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ—

ଇନ୍ଦିରା ଗାନ୍ଧୀ ଆମର ମାଆ
ଦୂହୁବଳେ ଧରି କରିଲେ ଠିଆ ।
ଜନମ ନ କରି ଦେଇଛନ୍ତି କ୍ଷୀର
ସେ କ୍ଷୀର ଖାଇଛନ୍ତି ସାରା ସଂସାର ।
ସେ ଆଜ ନାହାଁନ୍ତି ଆମର ପାଖେ
କିଏ ବା କୋଳେଇ ଧରିବ କାଖେ ।
ଦେଶ ଓ ବିଦେଶ ସାରା ଦୁନିଆ
କୋଟି ଜନମର ଜପୁଛନ୍ତି ନାଆଁ ।

ସଭିଙ୍କୁ ନଜର ସେ କରି ଥିଲେ
ନିମିଷକେ ଛାଡ଼ି ସେ ପୁରେ ଗଲେ ।
ମାରି ଦେଲା ତାଙ୍କୁ ଯେଉଁ ମଣିଷ
ମଣିଷ ନୁହଁଇ ନର-ରାକ୍ଷସ ।
ଜଗତ କାନ୍ଦିଲା ତାଙ୍କର ପାଇଁ
ମାଆ ହେଜଣ୍ଡ ତ ହୋଇଲୁ ଭଲ ।
ଏକତା ପାଇଁ ଯେ ଦେଏ ଜୀବନ

ମରି ଜିଏ ସିଏ ତା' ନାମ ଧନ୍ୟ ।
ଦେଶ ପାଇଁ ଗଲେ ମାଟିରେ ମିଶି
ଆକାଶ ପବନ ନେଲାଟି ଶୋଷି ।
କାନ୍ଦିଲା ପ୍ରକୃତି କାନ୍ଦିଲେ ଜନ
ଯାଏ ଯେ ନ ଫେରେ ଅବୁଝା ମନ ।
ଦେଶ ସାରା ବହେ ଲୁହ ରୁଧିର
ଇନ୍ଦିରାସେ ନାମ ଚିର ଅମର ।

—*—

Digitized by PPRACHIN, SOA

ଚଗଲାର ଖେଳ

ହାତେ ଧରି ହାଣ୍ଡି ବାଉ   ଖେଳୁ ଥିଲା ଚଗଲା
ଚଉକି ଉପରେ ବାପା ମନ ଥିଲା ଉତାଳା ।
କେତେବେଳେ ଧରେ ହାଣ୍ଡି   କେତେବେଳେ ବାଉ
କେତେବେଳେ ହସ ପୁଣି କେତେ ବେଳେ ରାଗ ।
କେତେବେଳେ ଧରି ହାଣ୍ଡି   କରୁଥାଏ ଗେଲ
ବାଈ କେତେ ବାନ୍ଧ ପଧା କରୁଥାଏ ଗୁଲ ।
ଯେତେବେଳେ ବାଉ ଦେହ   ଭଲ ନାହିଁ ଦେଖେ
ଔଷଧ ଖୁଆଇ ଦିଏ ଗାଲି ଖିଣି ମୁଖେ ।
ଯେତେବେଳେ ହାଣ୍ଡିଟିକୁ   ଭରି ଥଣ୍ଡା ହୁଏ
କୋଳରେ ଚଢ଼ାଇ ତାକୁ ଦୋଡ଼ି ହୋଇ ଶୁଏ ।

—o—

ଭୁଆଁ ଖଟୁନୁ ଭାଇ

ଗୁଣ୍ଡିଚ ମୂଷାକୁ ଚଢ଼ିଆ ଡାକଲା
ଶୁଣ ଭଲ ଶୁଣ ଭାଇ
ତୋପରି ମୂରୁଖ ନାହିଁ ।
ଏ ଡାଳ ସେ ଡାଳ ବୁଲି
ଖାଇବା ଜନତ ତୋଟାଉଛୁ କେତେ
ଏ ପାଖ ସେ ପାଖ ହୋଇ ।
ଆ······ ମୋ ସାଥିରେ ଆ······
ଆମ ଘରେ କେତେ ଧାନ ଚାଉଳ
ତୋଳଗି ହୋଇଛୁ ଥୁଆ

Digitized by PPRACHIN, SOA

ହସିଲ ଗୁଣ୍ଡିଚ ମୂଷା
କହିଲ୍ 'ଭାଇରେ' ମୂରୁଖ ଭୁଣ୍ଡରେ
ତୋ ବୁଦ୍ଧିରେ ଗଲେ
ହେବ ମୁହଁ ଲୋକ ହସା ।
ସଂସାରକୁ ଆସି ଥାଇଁ
ଗୋଡ଼ହାତ ପ୍ରଭୁ ଦେଇଛନ୍ତି ମୋତେ
ଖଟିକି ଖାଇବା ପାଇଁ ।
ଦେଖିନୁ ସଂସାରେ ସମସ୍ତେ ଖଟନ୍ତି
ତୁ କଥିଁ ଖଟୁନୁ ଭାଇ ।

—o—

ଦଶହରା

ଅଶିଣ ମାସରେ ଦଶହରା ପୂଜା
ମଜା କରିବାକୁ ଖାଇବ ଖଜା
ମନେ ପକାଇବ ମନେ
ବରଷକେ ଥରେ ମା'ଙ୍କର ପୂଜା
ଦେବୀ ଶକତି ସାକ୍ଷାତେ ।
ଖେତରେ କମଳା ଖେଳା
"ନବ ପତ୍ରିକା" ରେ ଖେଳେ
ସବୁଜିମା ଗଳାରେ ମାଳା ।
ଆକାଶେ ବଜ୍ରଦ ଖେଳା
ଝିପି ଝିପି ମେଘ ଟୁବୁ ଟୁବୁ ପାଣି
ଝୁଟୁରେ ପଙ୍କଜମାଳା ।

Digitized by PPRACHIN, SOA

ବାଡ଼ରେ କଙ୍କି ମେଲଣ
ମନ୍ଦିରେ ଶୀତୁଆ ପବନ ଲହଡ଼
ଶିଶ ଶିର ଆଖିକାନ ।
ଦଶଭୁଜା ଦେବେ ବର
ଏ ମରତ ପୁରେ ସବଣର ମାୟା
ନ କରିବ ହରବର ।
ଫେଟିବେ ସପ୍ତ ଜାନଙ୍କ
ଅବଧ ପୁରୀରେ ଅବୋଧ ସନ୍ତାନ
ମା'କୁ ଧରିବେ ଯାଇ ।
ସଭିଙ୍କ ମନରେ ଅପାର ଆନନ୍ଦ
ମାଆଙ୍କୁ ଦେଖିବା ପାଇଁ
ନୀଳ ଆକାଶରେ ଧଳା ବାଦଲଟା
ଧୀରେ ଧୀରେ ଯାଏ ବନ୍ଧ ।

—o—

ମେଘ

ମେଘକୁ ଦେଖି ମୟୂର ନାଚେ
ନାଚେ ଜୁଳୁଜୁଳା ପୋକ,
ଘରୁ ବାହାର ବେଙ୍ଗ ବେଙ୍ଗୁଳୀ
ନାଚନ୍ତି ଦାଣ୍ଡଯାକ ।
ମେଘ ଦେହରେ ମେଘ ବାଜିଣ
ମାରେ ବିଜୁଳି କେତେ
ପଛକୁ ପଛ ଘଡ଼ ଘଡ଼ିଟା
ମେଦିନୀ ଫଟାଏ ସତେ ।

Digitized by PPRACHIN, SOA

ମେଘ ଆସିଲେ ପୃଥିବୀ ସାରା
ଅନ୍ଧାର ଘୋଟି ଯାଏ
ପକ୍ଷୀମାନଙ୍କ କେଁ କଟର
ରାବ ଶୁଭୁ ଥାଏ ।
ବରଷା ପାଣି ଦାଣ୍ଡରେ ଚାଲେ
ଚାଲନ୍ତି ଜଆଁ ପୋକ
ବେଙ୍ଗ ବେଙ୍ଗୁଲି ଖାଆନ୍ତି ତାକୁ
ରଣ୍ଡି ଡାଙ୍କ ଧକ ଧକ
ମେଘକୁ ଦେଖି ଚାଷୀମାନଙ୍କ
ଆନନ୍ଦ ସତେ କେତେ
କ୍ଷେତକୁ ଯିବେ ଚାଷ କରିବେ
ବହୁତ ଦରକତେ ।
ମେଘ ସାଥିରେ ପବନ ଆସେ
ଧୁ ଶବଦ କରି
ଥରେ ପୃଥିବୀ ଗଛ ପତର
ପବନକୁ ଯାଏ ଡରି ।

—*—

ଟୁନାକୁ ଜର

ଟୁନାକୁ ହେଲା ଜର ମା' କାନ୍ଦୁ ଥିଲେ ବସି
ବାପା ତ ନ ଥିଲେ ଘରେ
ବଜାରୁ ନ ଥିଲେ ଆସି ।
ମା' ପଠାଇଲେ ମୋତେ ବାପାଙ୍କୁ ଡାକିବା ପାଇଁ
ଦଉଡ଼ିଲ ମୁହିଁ ପରା
ହୋଇ ବଡ଼ ଧଇଁ ସଇଁ।

Digitized by PPRACHIN, SOA

ବାପା ପଚ୍ଚରିଲେ ମୋତେ   କମ୍ପାଉ ଆଦିଲୁ ତୁହ
କହିଲି ବାପାଙ୍କୁ
ଟୁନା ଦେହ ଭଲ ନାହିଁ ।

ବାପାଙ୍କର ଦେହ ଥରି ସେ ଉଠିଲ ।
ଦେହ ପଡିଗଲା ରଙ୍ଗା
ଦ୍ୱଳକୁ ଫିଟାଇ ଦଉଡ଼ିଲେ ଧରି ଠେଙ୍ଗା ।
ଘରକୁ ଆସିଲେ ବାପା
ମାଆଙ୍କୁ କହିଲେ ଟୁନାକୁ କାନ୍ଧିକ ଜର
ଉତ୍ତର ପାଇଲେ ଟୁନାଠା ସକାଳୁ
ଖେଳୁ ଥିଲ ପାଣି ଘର ।

—o—

ଭସା ବଉଦ

ଆକାଶେ ବାଦଲ ଭାସେ
ତାରକା ମାନଙ୍କ
ଲୁଚକାଳି ଖେଳ
ଦୂରକୁ ସୁନ୍ଦର ଦିଶେ ।

ଆକାଶେ ତାରକା ପାଇଁ
ସତେକି ଅବା
ଘର କରିଣ
କୋଉ କାଳୁଛନ୍ତି ରହି ।

ଦୂରକୁ ଦିଶନ୍ତି ଗ୍ଲେଟ
ଚକକେ ଦୁର
ତାଙ୍କ ଘର
କହି କେ ପାରିବ ବାଟ ।

Digitized by PPRACHIN, SOA

ଆଖି ମିଚି ମିଚି କରି
ମଝିରେ ମଝିରେ
ବାଦଲ ଆସିଲେ
ସେମାନେ ଲୁଚନ୍ତି ଡ଼ରି ।

ବଡ ସାନ କେତେ ମିଶି
ବୁଲନ୍ତି ସେମାନେ
ନାହିଁ ତ ଝଗଡ଼ା
ସେମାନଙ୍କ ମନ ଖୁସି ।

ଆମ ପରି ସେ ନୁହନ୍ତି
ନୁହେଁ କେହି ପର
କେହି ଆପଣାର
ହସରେ ଦିନ କାଟନ୍ତି ।

—o—

କେତେ ଜାତି ପକ୍ଷୀ

ରଙ୍ଗ ବେରଙ୍ଗର ପରଜାପତି
ଆକାଶେ ଉଡୁଥାଇ,
ମନ ଆନନ୍ଦ ଅଟଇ ତାରି
ପବନେ ଖେଳିବା ପାଇଁ ।
ପାରି ଦୁଇଟି ଉଡ଼ ବୁଲନ୍ତି
ବାଦଲ ଉପରେ ଯାଇ
ଆଖିକୁ ଆମର ନ ଦିଶନ୍ତି ତହିଁ
କାହିଁ କେତେ ଦୂରେ ଥାଇ ।

Digitized by PPRACHIN, SOA

ମାଛରଙ୍କା ଚଢ଼େଇଟା
ଉପରକୁ ଉଡ଼ି ଯାଇ
ତଳକୁ ଖସେ ଟେକାଟା ପରି
ମାଛ ଧରିବା ପାଇଁ ।
ଘରଚଟିଆ ଉଡ଼ିଣ ଯାଇ
ଥଣ୍ଟରେ କାଠି ଧରି
ଫେରାଇ ଆସେ ବସାକୁ ପୁଣି
ଟିକଏ ଡର ଡରି ।

—o—

ପରଜାପତି

ପରଜାପତି
ଖୁସି ଚରଖା
ଧଏନା ଟୁନାକୁ ଧରି
ରଙ୍ଗ ବେରଙ୍ଗ
ପକ୍ଷୀଟି ତାର
ଉଡ଼ି ବୁଲଇ ଫର ।

ମାଆକୁ ଟୁନା
କହିଲା ଯାଇ
ଧରିଦଅ ମାଆ
ମାଆ କହିଲେ
ଶୁଣ ପୁଅ
ଧରିବା ମିଛି ଆ ।

Digitized by PPRACHIN, SOA

ଦେଉନ ଧରି
କପଟ ମୁହିଁ
ଧଉଡ ପରି
ଧରି ଦେବୁ ଅ

ମାଆଁ କହିଲେ
ଶୁଣୁ ଟୁନା
ଠାକୁରେ ତାକୁ ସାହା ।

—୦—

ଗୁଣ୍ଡୁଚି ମୂଷା

ଗୁଣ୍ଡୁଚି ମୂଷାରେ ଗୁଣ୍ଡୁଚି ମୂଷା
ଗଛଟି ଅଟଇ ତୋର ଭରସା ।
ବସା ବାନ୍ଧିଥାଉ କାଠି କୁଟାରେ
ଗଛରେ ରହୁ ତୁ ତା' ଉପରେ ।
କାହାରି କୁ ଡରୁ ନାହିଁ ରେ ମୂଷା
ଗଛକୁ ତୁ ଚଢ଼ି ଯାଉ ସହସା ।
ଗୋଡ଼ ହାତ କୋଳ ଗୁରେଇଟି ତୋର
ଧାନ ସବୁ ଖାଇ ଦେଉ ଆମର ।
ପଛକୁ ରହିଛି ଲାଞ୍ଜ ତୋହର
ଦେହକୁ ଦିଶଇ ଅତି ସୁନ୍ଦର ।
ଏ ଢଙ୍ଗରେ ଆହା ଗଢ଼ିଛି ବିଧି
ଅନାଇବୁ କିଂପା କଥା ନ କହି ।

Digitized by PPRACHIN, SOA

ଆରେ ଗୁଣ୍ଡୁଚି, ଆରେ ମୂଷା
ଖେଳବୁ ତମ ସାଥେ ବାନ୍ଧବୁ ବସା ।
ଗୁଣ୍ଡୁଚି ମୂଷାକୁ ଦେଖିଲେ ମୋର
ଶ୍ରୀରାମଙ୍କ କଥା ଆସେ ମନର ।

●

ସୀତା ଉଦ୍ଧାର

ଆଈଟି ଚହ୍ନିଁ
ଆକୁଆ ପାଟି ଦିଏ ମେଲାଇ
କୋଳେ ନେଇ ମତେ
ଗେଲ କରଇ
କେତେ ରାଇଜର କଥା କହଇ ।

ଶ୍ରୀରାମ କଥା
ଚୁପ୍ ହୋଇ ବସି ମୁଁ ଶୁଣୁଥା ।
ଦଶରଥ ଥିଲେ ତାଙ୍କର ପିତା
ରାମ ରାଇଜ
ବଡ଼ ମଉଜ
ଶୁଣିଲେ ଦେହରେ ଆସଇ ତେଜ ।

ଶ୍ରୀରାମ ଯାଇ
ସୀତା ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ
ବହୁ ଦୁଃଖ କଷ୍ଟ ସହିଲେ ସେହି ।
ସୀତାଙ୍କୁ ଧରି
ରାବଣ ତାହାଙ୍କୁ କରିଲା ଚୋରି ।

Digitized by PPRACHIN, SOA

କୂଳରେ ଆସି
ଦେଖିଲେ ସୀତା ନାହାନ୍ତି ବସି
ଦୁଃଖରେ ଗଲେ
ଜଟାୟୁ ପାଖରୁ ଖବର ନେଲେ
ଖବର ପାଇ
ହନୁକୁ ନେଇ
ସମୁଦ୍ରରେ ଦେଲେ ସେତୁ ବନ୍ଧାଇ ।
ରାବଣ ମାରି
ସୀତା ଉଦ୍ଧାରି
ଅଯୋଧ୍ୟାକୁ ସେହି ଆସିଲେ ଫେରି ।
ଶୁଣିଲି ମୁହିଁ
ଆନନ୍ଦ ହୋଇ
ନିଦ ଆସଇ
ଆଈମା କୋଳରେ ପଡ଼ିଲି ଶୋଇ ।

—o—

ମଣି ସାହୁ

ଆମ ଗାଁ । ମଣିସାହୁ ବୁଢ଼ା
ଚମ ଧଡ଼ୁ ଧଡ଼ୁ
ଦେହରେ ନାହିଁ କପଡ଼ା
ଦାଣ୍ଡରେ ହୋଇ ଛିଡ଼ା
ଡାକ ଚା'ର ଜଡ଼ା
ପିଲେ ଯୋଡ଼ା ଯୋଡ଼ା

Digitized by PPRACHIN, SOA

ନେବାକୁ ଉଖୁଡ଼ା
ଚିଲଣ ଦିଏ ବୁଢ଼ା
ଘରେ ପିଲେ ଯୋଡ଼ା
ତା'ର ପଇସା ଲୋଡ଼ା
ପିଲଙ୍କ ମୁହଁ ମୋଡ଼ା
କଏ ଠାଣେ କପଡ଼ା
ଦାଣ୍ଡରେ ହୁଏ ଆଖଡ଼ା
ବୁଢ଼ା ବଡ଼ ଚଡ଼ ଚଡ଼ା
ବୁଢ଼ାର ନଣ ଯୋଡ଼ା
ପାଚଲ କେଶ ଛିଡ଼ା
ରଗିଲେ ବୁଢ଼ା
ହୁଅନ୍ତା ଗଡ଼ା ପଡ଼ା
ରଗି ଯାଇଁ ବୁଢ଼ା
ପିଲଙ୍କୁ ଦିଏ କୋରଡ଼ା
ପିଲଏ ଧରି ପିଡ଼ା
ଗୋଡ଼ାଣ୍ଡ ପିଲ ବୁଢ଼ା
ବରକ୍ତ ହୋଇ ବୁଢ଼ା
ମାରେ ସେଠୁ ଦଉଡ଼ା ।

—*—

Digitized by PPRACHIN, SOA

ଅଜାଙ୍କ କଥା

ଆଣ୍ଟ ଲେ ଅଣ୍ଟ
ନନ୍ଦ ମୋ ପାଖକୁ ଆସଇ ନାହିଁ ।
କହଲେ କଥା
ଅଜାଙ୍କ କଥା
ଶୁଣିଲେ ଆସିବ ନନ୍ଦ ଦେବତା ।

ଆଉ କହିଲେ
ଶୁଣୁ ନାତି
ଶମର୍ କାଣ୍ଡ
ସରଗେ ଜାଳିବୁ ନୂଆଁର ବତି ।

ଅଜା ତୋହର
ବଡ଼ ସୁନ୍ଦର
ଚିନ୍ ସହିତ ଯୁଦ୍ଧ ତାଙ୍କର
ସୈନିକ ହୋଇ
ବନ୍ଧୁକ ନେଇ
ଗଲେତ ଧାଇଁ
ନିଜ ମାତୃଭୂମି ଗୌରବ ପାଇଁ ।

ମାଇଲେ କେତେ
ନାହିଁ ପଇତେ
ଯୁଦ୍ଧଭୂଇଁ ପୁରେ ଶତ୍ରୁ ରକତେ ।
ମା'କୁ ତୋର କଲେ ଉଦ୍ଧାର
ମନରେ ଆନନ୍ଦ ହୁଏ ଅପାର ।

Digitized by PPRACHIN, SOA

ଶୁଣରେ ଝୁନି
ସୈନିକ ହେବୁ ।
ଯୁଦ୍ଧ ଶିଖିବୁ ।
ଯୁଦ୍ଧ କରିବୁ ।
ମୁଣ୍ଡରେ ବିଜୟ ଟୀକା ଘେନିବୁ ।
ଦେଶର ପାଇଁ
ଜୀବନ ଦେବାକୁ ଭୁଲିବୁ ନାହିଁ ।
ଦେଶଟି ତୋର
ସୁବଳ ଦେବୁ ଗୋଟାଏ ବୀର ।

—*—

ଫଗୁଣ

ଫଗୁଣ ଆସିଲା ହସି ହସି
ପିଲଙ୍କର ମନ ଭରି ଖୁସି ।
ଆକାଶେ ଅବିର ଦିବ ଭାସି
ମୁଣ୍ଡରେ ଅବିର ଦେବେ ଘସି ।
ମେଳଣ ଦେଖିବା ବସି ବସି
ବିମାନ ଆସିବ ଭାସି ଭାସି ।
ଠାକୁର ଥାଆନ୍ତି ଭିତରେ ବସି
ଫୁଲ ଝୁଲୁ ଥାଏ ରଣି ରଣି
କାହ୍ନନ୍ତି ଗୋପାଳେ ହୋଇ ଖୁସି
କୀର୍ତ୍ତନ କରନ୍ତି କେତେ ମିଶି ।

Digitized by PPRACHIN, SOA

ସଧୀରେ ବିମାନ ଯାଏ ଭସି
ରୁମଣ୍ଡ ପଢାନ୍ତି ବ୍ରାହ୍ମଣ ବସି
ହରିବୋଲ ହୁଳ ହୁଳି ଆସେ ଭାସି ।
ଆମ୍ବ ନୁଲୁଥାଏ କଣ୍ଟି କଣ୍ଟି
ଆକାଶରେ ବାଣ ଯାଏ ଭାସି ।
ଚାଢ଼ମା ଫୁଟାନ୍ତି ଚଳେ ବସି
ଲଇଠ୍ ଧରନ୍ତି ଲୋକେ ଆସି
ଦୂରରୁ କୁହୁଡ଼ି ଆସେ ଭାସି
ମୁଣ୍ଡରେ ଠେକା ଢାଅନ୍ତି କସି ।
ଠାକୁର ଆସିଣ ଯାଆନ୍ତି ବସି
ଭୋଗ ସବୁ ଆସେ ଡାଲାରେ ପଶି
ତୁଳସୀ ଧରିଣ ବ୍ରାହ୍ମଣ ଆସି ।
ପୂଜା କରେ ପ୍ରଭୁ ପାଖରେ ବସି
ପୂଜାପରେ ପ୍ରଭୁ ଯାଆନ୍ତି ଖସି ।
ପିଲାଠାରୁ ବୁଢ଼ା ହୁଅନ୍ତି ଖୁସି
ଏପରି ଫଗୁଣ ଯାଏଟେ ଖସି
ଅପେକ୍ଷା କର, ଆଗକୁ ଆସି ।

—o—

ଦେଖ୍ ବୋଉ

ବୋଉଲୋ ବୋଉ
ପିଢ଼ାରେ ଫଳଛି ଢ଼ିଙ୍କିଆ ଲାଉ
ଦେଖ୍ ! ବୋଉ
ମାଙ୍କଡ଼ ଧରଛି ହାତରେ ଲାଉ

Digitized by PPRACHIN, SOA

ଦେଖଲୋ ବୋଉ
ମାଙ୍କଡ଼ ଛୁଆ
ମାରୁଛନ୍ତି ଡଆଁ
ମାଆ ପାଖରେ କରନ୍ତି ଆଁ,
ମାଆଟି ତାର
ବଡ଼ ଚତୁର
ପିଲାକୁ ତାର
ଧରି କୋଳର
ଗେଲ କରଇ
ଛୁଆଟି ନକଟ ଡାକେ ଚୁଁ ଲୁଇ ।
ବୋଉଲୋ ବୋଉ
ଗଛ ତଳରେ
ପିଲା ମେଳରେ
ଟେକା ଖୁଳନ୍ତି
ବୁଲା କୁକୁର ଜଗି ବସିନ୍ତି ।
ବୋଉଲୋ ବୋଉ
ବୁଲା କୁକୁର
ମାଙ୍କଡ଼କୁ ଦେଖି ଭୁକ ଦେଉଛନ୍ତି
ଟଷ୍ଟ ସ୍ୱଷପଠ ବୁଲ ଯାଉଛନ୍ତି ।
ବୁଲା କୁକୁର
ଦେଖିଲେ ତାହାକୁ ମାଙ୍କଡ଼ ଡର ।

Digitized by PPRACHIN, SOA

ଦେଖେ ବୋଉ
ମାଙ୍କଡ଼ ଛୁଆ
କାଉଁରୁ କଥା
ମାଆ କୋଳରେ ହୋଇଛନ୍ତି ଠିଆ ।
କ୍ଷୀରପାକ ସବୁ ପିଇ ଦେଉଛନ୍ତି ।
ମାଆଟି ତା'ର
କୋଳରେ ଧରି ଗେଲ କରୁଛନ୍ତି ।

—o—

କାମ ସାରିଦିଅ ଜଲଦି

ସୋଣ୍ଟୁକୁ କହେ ହଲଦି
କାମ ସାରିଦିଅ ଜଲଦି ।
କଲେଜ ବେଳର ହେଲାଣି
ଲଙ୍କାର ଦେଖା ନାହିଁ ତ ପୁଣି ।
ରସୁଣ ଭଉଣୀ ରହିଲା କାହିଁ
କଲେଜ ଯିବାକୁ ମନେକ ନାହିଁ ।
କଲେଜ ଶିକ୍ଷକ ରାଗିବେ ଯେବେ
ଝିଲରେ କଚୁଡ଼ି ମାରବେ ତେବେ ।
ଏତକ ବେଳକୁ ରସୁଣ ଅପା
ମୁଁ ହକୁ କରଣ ଆସଇ ଖପା ।
ରସୁଣକୁ ଦେଖି ପଛରେ ଲଙ୍କା
କମାଇ ମୁହଁକୁ କରନ୍ତି ଖପା ।
ଆଜ ପର ଅଛି ବିଜ୍ଞାନ ବନ୍ଧ
ତେଣୁ କର ମନେ ଡର ଆସଇ ।

Digitized by PPRACHIN, SOA

ଲଙ୍କା ବଡ଼ପଣ ଦେଖାଇ କହେ
ଲାଗିଚିବ ପଦ ଶିକ୍ଷକ ମୁହେଁ ।
ତୁଣ୍ଡ, ମୁଁହ, କଉ ପିବନ୍ତି ଜଳ
ପାଣି, ପାଣି, ଗୁରୁ ହୋଇବେ ଭଲ ।
ସେତକ ବେଳରେ ଭୁବନେ ସମସ୍ତେ
ଖସି ପଳାଇଣ ପିବରେ ଆସ୍ତେ ।
ଲଙ୍କା କଥା ଶୁଣି ସଭଏଁ ରାଜା
କଲେଜକୁ ବାହାରିଲେ ଜଲଦି ।

—o—

ଅଜାଙ୍କ ଦାଢ଼ି

ଦାଢ଼ି ର ଦାଢ଼ି
ଅଜାଙ୍କ ଦାଢ଼ି ।
ଦାଢ଼ି ବଢ଼ିଥିଲା ପେଟକୁ ମାଡ଼ି
ଅଜା ଖୋଇ ମାରୁ ଥିଲେ ଘୁଙ୍ଗୁଡ଼ି ।
ପବନରେ ନଧା ଯାଉଛି କଢ଼ି
ହଦବାଉଳାରେ ଉଠିଲେ ଚଡ଼ ।
ଘାଇ ଭାଙ୍ଗି ପାଣି ଯାଉଛି ମାଡ଼ି
ଗାଁ । ସରପଞ୍ଚ ଦାମ ଓଆଡ଼ି ।
ଯାଉ ଥିଲେ ବାଟେ ଶଗଡ଼େ ଚଢ଼ି
ଅଜାଙ୍କ ମୁହଁରେ ଫାଶିଲା ଦାଢ଼ି ।
ବଳଦ ଦୌଡ଼ିଣ ଗଲେ ହୁରୁଡ଼ି
ଅଜା ପଡ଼ି ଗଲେ ମୁହଁକୁ ମାଡ଼ି ।

Digitized by PPRACHIN, SOA

ଅଜା ଧଣ୍ଡ ଥିଲେ ବାଉଁଶ ବାଡ଼
ଉଠାଇଲେ ତାଙ୍କୁ ଦାମ ଛଆଡ଼ ।
ବସିଲ ପାହାର ଦାମକୁ ମାଡ
ଦାମବାବୁ ମୁଣ୍ଡ ଗଲ ବିଗିଡ଼ ।
ଗ୍ରାମବାସୀମାନେ ଆସିଲେ ମାଡ଼
ଧଣ୍ଡ ପକାଇଲେ ଅଜାଙ୍କ ଦାଢ଼ି ।
ଅଜାଙ୍କୁ ବସାଇ ଶଗଡ଼ ଗାଡ଼
ଥାନାରେ ସମସ୍ତେ ଦେଲେ ଯେ ଧାଡ଼ ।
ବାବୁ ଧଣ୍ଡ ଥିଲେ ରେଲର ବାଡ
ବସିଲ ପାହାର ମୁଣ୍ଡକୁ ଗୁଣ୍ଡି ।
ଅଜା ବକଳରେ ଛୁଡ଼ନ୍ତ ରଡ
ଥାନାବାବୁ ଶୁଣି ଗଲେ ବିଗିଡ଼ ।

—*—

ଗାନ୍ଧୀ ବୁଢ଼ା

ଗାନ୍ଧୀ ବୁଢ଼ା ଥିଲେ
ବଡ଼ ମଣିଷ
ଦୂରକୁ ଦିଶନ୍ତି ସାନ ।

ଗୁଣ ତାଙ୍କର
ଭିତରେ ଅଛି
କହିବକ କେତେ ଧନ ।

ତାଙ୍କ ଗୁଣ ସବୁ
ପେଟରେ ଅଛି
ଉପରେ ଦିଶେନା କିଛି ।

Digitized by PPRACHIN, SOA

ତାଙ୍କର କଥା
ପକାଇ ମନେ
କାମ କରିଚିବା ବାଛୁ ।

ମନରେ ତାଙ୍କର
ଥିଲା ଆନନ୍ଦ
ଗରିବଙ୍କ ସେବା ପାଇଁ ।

ସନ୍ତ ଓ ଧନ
ଖଟୁଥିଲେ ସେ
ଆମର ଭଲ ପାଇଁ ।

ଭାବନା ଥିଲା
ଚଵଚ ଚଣ
କରୁଥିଲେ କାମ ବାଛୁ ।

ଦୁଃଖୀରଙ୍କି ଙ୍କର
ସେବା କରୁଥିଲେ
ମନକୁ କରଣ ଖୁସି ।

—o—

ପିଲାଙ୍କ ଖେଳ

ଆସରେ ପିଲେ ଆସ
ଖେଳିବ ସନ୍ଧ ଆସ
କି ଖେଳ ଖେଳିବ
କହି ଦେବ ମୁଁ ଅବଶ୍ୟ
ଆସରେ ପିଲେ ଆସ ।

Digitized by PPRACHIN, SOA

ଖେଳିବ ନାହିଁ ପଶା, ତାସ
ଦୈନିକ ସକାଳୁ ଉଠୁ ବସ
ଦେହ ଲାଗିବ ଉଲ୍ଲାସ ।

ଆସରେ ପିଲେ ଆସ
ଖେଳର ଦଉଡ଼ ହେଉର ପବାଶ
ତା' ପରେ ମନ ହୁଏ ଉଲ୍ଲାସ ।

ଆସରେ ପିଲେ ଆସ
ସତ୍କାମ ତକ କର ଅଭ୍ୟାସ
ବଡ଼ହେଲେ ଦୁଃଖୀ ଟିବ ଅବଶ୍ୟ ।

—୦—

ଟେକ ରଖିବୁ ଦେଶର

ସଞ୍ଜହେଲା ବୋଲି ସଭିଏଁ
କହିଲେ, ସୁରୁଜ ଗଲେଣି ବୁଡ଼ି
ପକ୍ଷୀମାନେ ସବୁ ବସାମୁହାଁ ହେଲେ
ଆକାଶେ ଉଡ଼େ ବାଦୁଡ଼ି
ନୀଳ ଆକାଶରେ ମିଞ୍ଜି ମିଞ୍ଜି ହୋଇ
ତାରକା ଦେଲେଣି ଦେଖା
ପିଲାମାନେ ସବୁ ଧୂଳି ଖେଳ ସାରି
ଘରକୁ ଫେରିଲେ ଏକା
ମା'ଙ୍କ ପାଖରେ ଅଳି କଲେ କେତେ
ଖାଇବାକୁ ଦିଅ ମା'

Digitized by PPRACHIN, SOA

ଖାଇପାଣି ଆମେ ଚଢ଼ିବାକୁ ଟିକୁ
ପାଠ କରୁଛୁ ଗୁନଆ
ପାଠପଢ ଆମେ ନ କରିବୁ ଆଜ
ଗୁରୁଜି ଦେବେ ପାହାର
ପାଠପଢ଼ି ଆମେ ବଡ଼ ହେଲେ ମା'
ଟେକ ରଖିବୁ ଦେଶର

—o—

ଏଣ୍ଡୁଅ ଭାଇ

ଏଣ୍ଡୁଅ ଭାଇରେ ଏଣ୍ଡୁଅ ଭାଇ
ନାଲ ଟୁକୁ ଟୁକୁ ମୁକୁଟ ନାଇ
ଏ ଡାଳ ସେ ଡାଳ ବୁଲୁ କମାଇ
ଆ...... ମୋ ପାଖରେ ଖେଳିବୁ କୁହ ।
ଯେବେ ତୁ ଆସନ୍ତୁ ମୋର ପାଖକୁ
ମୋ କଣ୍ଢେଇ ଖେଳ ଦେଖି ପାଆନ୍ତୁ ।
ବାପା ଆଣିଛନ୍ତି କେତେ ଖେଳଣା
ଖେଳିବାକୁ ମୁହିଁ ସାଙ୍ଗ ପାଏନା ।
ଯଦି ତୁ ଏଣ୍ଡୁଅ ଆସନ୍ତୁ ମୋର
ତୋ ସାଥିରେ ଖେଳ ଲାଗନ୍ତା ଭଲ ।

Digitized by PPRACHIN, SOA

ଖେଳ ଖେଳ ଯଦ ଲାଗନ୍ତା ଭୋକ
ମା'ତ କରନ୍ତୁ ଅନେକ ପାକ ।

ସାଥୀହୋଇ ଦୁହେଁ ବସନ୍ତେ ଖାଇ
ବରଷା ପାଣିରେ ଡଙ୍ଗୁ କମ୍ପାଇ ।

ପଳାଇ ଆରେ ଏଣ୍ଡୁଅ ଭାଇ
ମା' ମୋର ତୋତେ ଦଅନ୍ତା ଖୋଇ ।

—o—

ଗୃଷ

ଖରଟିଆ ଗୃଷ
କଲଣି ହତାସ
ଗୃଷକରେ ସମ ଦାସ
ଲଙ୍ଗଳ, ଦଉଡ଼ି କଷ ।

ତାର ହଳେ ନଶ
ଦେଖିବାକୁ କଂସ
ଲଙ୍ଗଳ ଯୁଆଳି ଈଶ
ବଳ କରେ ଗୃଷ
ଅଂଣ୍ଡୁଏ ବହଳ ଘାସ
ଘରେ ନାହିଁ ବାସ ।

ଓଳଦଲୁ ଦଏ ଘାସ
କୁଣ୍ଡାପାଣି ଅଭ୍ୟାସ
ଭରି ଭୂଲଖ ରାମଦାସ
ସକାଳୁ ପଖାଳ ଅଭ୍ୟାସ ।

କରେ ଧାନ ଚାଷ
ହାଡ଼ ମୁଣ୍ଡରେ ବସ
ପାଣି ପିଏ ଗିଲାଷ
ବିଲକୁ ଚାଲ ଉଡ଼ଚାଷ

ତେବେ ମଣିବ ଘାସ
ହଳସାରି ଘରକୁ ଆସ
ଝୁଣ୍ଟରେ ବଳଦକୁ କଷ
ତାଙ୍କ ଆଗେ ପଡ଼େ ଘାସ ।

ଦେହରେ ତେଲ ଘଷ
ଗାଧୋଇ ସାରି ଆସ
ଖାଇବାକୁ ବସ
ଖାଇସାରି ଚାଟଦାସ,
ଛାଡ଼େ ବଡ଼ ନିଶ୍ୱାସ ।

Digitized by PPRACHIN, SOA

ପିଲେ ପଢୁଥିଲେ ପାଠ

ପିଲେ ପଢୁଥିଲେ ପାଠ
ଗୁରୁଜୀ ବସିଲେ ଚଉକି ଉପରେ
ଟେବୁଲରେ ଦେଇ ହାତ ।
ସାହିତ୍ୟ, ଅଙ୍କ, ଭୂଗୋଳ କେତେ
ବୁଝାଇଲେ ଗୁରୁ ବହୁତ ସତେ
ହାତେ ଧରିଥିଲେ ବେତ
ପିଲେ ପଢୁଥିଲେ ପାଠ ।
ପଣକିଆ ସବୁ ପଚାରିଲେ ଗୁରୁ
କହୁ ଜଣେ ଜଣେ ଛାତ୍ର
ଯେ କହି ନ ପାରେ
ପିଠିରେ ବସଇ ଗ୍ଲାଠ ।
ନାଲି ପଡଯାଏ ପିଠି ଅଃମର
ବେତ ପାହାରକୁ ନ ଥାଏ ଡର
ଖାଇଲେ ମାଡ଼
ଗୁରୁ କହୁଥିଲେ, ହୋଇବ ବଡ଼
ପିଲେ ପଢୁଥିଲେ ପାଠ ।
ଗୁରୁ ଆଖି ବୁଜି ଢୋଳାଉଣ ଥିଲେ
ଟେବୁଲ୍‌ରେ ଦେଇ ହାତ
ପିଲେ ପଢୁଥିଲେ ପାଠ ।

Digitized by PPRACHIN, SOA

ବୁଢ଼ା କଂସାର

ବୁଢ଼ା କଂସାର ଗଡ଼ୁଛୁ ବସି
କଂସା ବାସନ କେତେ
ଗଡ଼ଇ ବସି ଥାଳ ଚାଟିଆ
ଗଗ୍ର ନୋଠା ଗିନା ସବେ ।
ଫିକ ଦାନଠା ଘାଗ ଭେଇଠା
ଗଡ଼ଇ ବସି ଡକରେ
ହିକାବ ନେଇ ବଜାର ହାଟେ
ପଇସା ନେବ ଝେଟେ ।
ପଇସା ନେଇ ନେବ ଭୁଞ୍ଜନ
ଘରେ ବସି ଥିବେ ଗୁଣ୍ଡି
ଗେଟେଇ ହେବ ପିଲ ଖାଇବ
ରାତିଠି ଟିକ ପାହ୍ଣ ।
ସକାଳ ହେବ ଗଣ୍ଡ ପଡ଼ିବ
ବୁଢ଼ା ଉଠଇ ପଣ
କାମ କରିବ କାମ ସରିବ
ଗରାଖ ନେବେ ପର ।
ଏତି ଦନର ବୁଢ଼ା ବେପାର
କୁଠ ମୁହ ପୋଷେ ପର ।

●

Digitized by PPRACHIN, SOA

Digitized by PPRACHIN, SOA